
# ଅଭ୍ୟୁଦୟ

ପ୍ରକଳ୍ପ ବିଭାଗ ମୁଖପତ୍ର, କଟକ ମହାନଗର ନିଗମ

ସଂଖ୍ୟା - ୧


ଜୁନ, ୨୦୨୨




ମେୟର: ଶ୍ରୀଯୁକ୍ତ ସୁବାସ ସିଂହ

ଆୟୁକ୍ତ: ଅନନ୍ୟା ଦାସ (ଭା.ପ୍ର.ସେ)

ଉପ-ଆୟୁକ୍ତ ତଥା ବସ୍ତି ଉନ୍ନୟନ ଅଧିକାରୀ: ଶ୍ୱେତପଦ୍ମା ଡି ଶତପଥୀ (ଓ.ରା.ସେ)



## ୧. ଜାଗା ମିଶନ:

ଓଡ଼ିଶା ସରକାରଙ୍କର **"ଜାଗା ମିଶନ"** କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ୨୫୨ଟି ବସ୍ତିକୁ ଆଦର୍ଶ ବସ୍ତି ଭାବରେ ରୂପାୟନ କରିବା ପାଇଁ ୨୦୨୦ ମସିହା ଠାରୁ କାର୍ଯ୍ୟ ଆରମ୍ଭ ହୋଇଅଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ବସ୍ତିମାନଙ୍କୁ




୧. ପକ୍କା ରାସ୍ତା ଓ ନାଳ

୨. ପାନୀୟ ଜଳ ଯୋଗାଣ

୩. ବିଦ୍ୟୁତ ବ୍ୟବସ୍ଥା

୪. ଷ୍ଟ୍ରୀଟ ଲାଇଟ ବ୍ୟବସ୍ଥା

୫. ଶୌଚାଳୟ

୬. ପରିଚୟ ଗୃହ

୭. ଖୋଲା ସ୍ଥାନ ତଥା ପିଲାଙ୍କ ନିମନ୍ତେ ଖେଳପଡ଼ିଆ ନିର୍ମାଣ

ଏ ସମସ୍ତ ସୁବିଧା ଉପଲବ୍ଧ କରାଇବା ନିମନ୍ତେ କାର୍ଯ୍ୟ ଚାଲୁଅଛି ।

ଏହାଦ୍ୱାରା ମହାନଗର ନିଗମର ୨୦୧୬୫୪ ଜଣ ବସ୍ତି ବାସିନ୍ଦାଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସିଛି ।







## ୨. ଜାଗା ସମ୍ପର୍କ:

ଜାଗା ସମ୍ପର୍କ କାର୍ଯ୍ୟକ୍ରମ ଦ୍ୱାରା ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କରାଯାଇ ନଗର ନିଗମ ଓ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଚୁକ୍ତିନାମା କରାଯାଇଅଛି । ଏହାଦ୍ୱାର ବସ୍ତି ଅଞ୍ଚଳରେ ସମସ୍ତ ଉନ୍ନତିରେ ବସ୍ତି ବାସିନ୍ଦା ସଂଘ ଏକ ନିର୍ଦ୍ଧାରକ ଭୂମିକା ଗ୍ରହଣ କରିବେ ।








## ୩. ପ୍ରଧାନମନ୍ତ୍ରୀ ଆବାସ ଯୋଜନା:

ମହାନଗର ନିଗମର ବିଭିନ୍ନ ୱାର୍ଡର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ନିମନ୍ତେ ଆବାସ ଯୋଜନାରେ ମିଳିଥିବା ୫୭୯୩ଟି ଦରଖାସ୍ତ ମଧ୍ୟରୁ ୩୭୩୮ ଜଣଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚୟନ କରାଯାଇଅଛି । ତନ୍ମଧ୍ୟରୁ ୨୨୩୪ ଜଣଙ୍କର ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ଓ ୧୫୦୪ ଜଣଙ୍କର ଗୃହ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ଅବସ୍ଥାରେ ରହିଅଛି । ସେହିପରି ସମନ୍ୱିତ ବସ୍ତି ଉନ୍ନୟନ ଯୋଜନା ମାଧ୍ୟମରେ ୧୪୧୪ ଜଣ ଦୁର୍ବଳ ଶ୍ରେଣୀର ବସ୍ତି ବାସିନ୍ଦାଙ୍କ ନିମନ୍ତେ affordable housing projectର କାର୍ଯ୍ୟ ଚାଲୁଅଛି ।



## ୪. ମୁକ୍ତା :

"ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ" ମାଧ୍ୟମରେ ସହରାଞ୍ଚଳରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ୫୩୪ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୯୨ଟି ବସ୍ତି ବାସିନ୍ଦା ସଂଘ ମନୋନୀତ ହୋଇ କାର୍ଯ୍ୟ କରୁଛନ୍ତି । ମିଶନ ଶକ୍ତି ଗୃହ, ବର୍ଷାଜଳ ସଂରକ୍ଷଣ କେନ୍ଦ୍ର, ସହରାଞ୍ଚଳର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଯଥା ପାର୍କ, ପେଭର ରାସ୍ତା, ଜିମ ଉପକରଣ ଲଗାଇବା ଆଦି ୬୨୬ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଅଛି ।





## ୫. ସ୍ୱୟଂ ସହାୟକ ଗୋଷ୍ଠୀ:

କଟକ ମହାନଗର ନିଗମ ତରଫରୁ ସହରାଞ୍ଚଳ ଜୀବିକା ଉନ୍ନତି ପାଇଁ ସହରାଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଅଛି । ସର୍ବମୋଟ ସ୍ୱୟଂ ସହାୟକ ଗୋଷ୍ଠୀ: ୨୪୨୪, ଆଞ୍ଚଳିକ ମହାସଂଘ: ୬୭ ଗୋଟି ରହିଅଛି । ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହରାଞ୍ଚଳ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ରାଜ୍ୟ ସରକାରଙ୍କ ମୁକ୍ତା, ଆହାର, ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଣ୍ଟର ତଥା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ପରିଚାଳନା କରୁଛନ୍ତି । ସ୍ୱଚ୍ଛସାଥୀ ଓ ଜଳସାଥୀ ଭାବେ ସହରାଞ୍ଚଳ ବିକାଶରେ ମହିଳାମାନେ ଅଗ୍ରଣୀ ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି ।



## ୬. ଆହାର:


ମହାନଗର ନିଗମରେ ୭ ଗୋଟି ଆହାର କେନ୍ଦ୍ର ଦୁଃସ୍ଥ ତଥା ଅସହାୟ ଲୋକଙ୍କ ପାଇଁ ଖୋଲାଯାଇଅଛି । ଏହି ଆହାର କେନ୍ଦ୍ର ଗୁଡ଼ିକରେ ଦୈନିକ ୬୫୦୦ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟର ସୁବନ୍ଦୋବସ୍ତ କରାଯାଇଅଛି ।



## ୭. ଭିକ୍ଷୁକ ଥଇଥାନ କେନ୍ଦ୍ର "ଆନନ୍ଦାଳୟ":

ରାଜ୍ୟ ସରକାରଙ୍କ ଏବଂ କଟକ ମହାନଗର ନିଗମର ମିଳିତ ସହଯୋଗ ଦ୍ୱାରା ଆରମ୍ଭ ହୋଇଅଛି ଭିକ୍ଷୁକ ଥଇଥାନ କେନ୍ଦ୍ର, ଯାହାର ନାମ 'ଆନନ୍ଦାଳୟ' ରଖାଯାଇଅଛି । ଏହି କେନ୍ଦ୍ର ଏବେ ଭିକ୍ଷୁକଙ୍କ ପାଇଁ ନୂଆ ଠିକଣା ପାଲଟିଛି ।

ବୃଦ୍ଧ ଭିକାରୀଙ୍କ ପାଇଁ କଟକର କାଜିପାଟଣା ଏବଂ ଭିନ୍ନକ୍ଷମ ଭିକାରୀଙ୍କ ପାଇଁ ବୟାଳିଶ ମୌଜା ସ୍ଥିତ ବେଣ୍ଟକାରରେ ଭିକ୍ଷୁକ ଥଇଥାନ କେନ୍ଦ୍ର ଖୋଲାଯାଇଅଛି । ଏହି ଦୁଇଟି କେନ୍ଦ୍ରକୁ କଟକ ମହାନଗର ନିଗମ ଦ୍ୱାରା ଟେଣ୍ଡର ଆକାରରେ ଦୁଇଟି ସଂସ୍ଥା ଦାୟିତ୍ୱ ଦିଆଯାଇଅଛି । ବୃଦ୍ଧ ଭିକାରୀଙ୍କ ପାଇଁ 'ବିକାଶ' ସଂସ୍ଥାକୁ ଦାୟିତ୍ୱ ଦେବା ସଙ୍ଗେ ଭିନ୍ନକ୍ଷମ ଭିକ୍ଷୁକଙ୍କ ପାଇଁ 'ଓପସ୍' ସଂସ୍ଥାକୁ ଦାୟିତ୍ୱ ଦିଆଯାଇଅଛି । ପ୍ରତ୍ୟେକ କେନ୍ଦ୍ରରେ ୧୦୦ ଜଣ ଭିକ୍ଷୁକଙ୍କ ପାଇଁ ବ୍ୟବସ୍ଥା ହୋଇଅଛି । ଏହି ଦୁଇଟି ସଂସ୍ଥା କଟକର ବିଭିନ୍ନ ମନ୍ଦିର ଏବଂ ଜନଗହଳି ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ବୃଦ୍ଧ ଏବଂ ଭିନ୍ନକ୍ଷମ ଭିକ୍ଷୁକଙ୍କୁ ଉଦ୍ଧାର କରି ଭିକ୍ଷୁକ ଥଇଥାନ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଉଅଛି । ଏହି ପର୍ଯ୍ୟନ୍ତ ଦୁଇଟି ସଂସ୍ଥା ଦ୍ୱାରା ୧୦୦ରୁ ଉର୍ଦ୍ଧ୍ୱ ଭିକାରୀଙ୍କୁ ଉଦ୍ଧାର କରାଯାଇଅଛି ।














## ୮. ସହରାଞ୍ଚଳ ଉଠାଦୋକାନୀ:

କୋଭିଡ-୧୯ ମହାମାରୀ ଫଳ ସ୍ୱରୂପ ତାଲାବନ୍ଦ ପ୍ରତିକୂଳ ପ୍ରଭାବ ଉଠାଦୋକାନୀ ମାନଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି । ଉଠାଦୋକାନୀ ମାନଙ୍କୁ ଏଭଳି ଅସୁବିଧା ସମୟରେ ନିଜର ଜୀବିକାକୁ ଚାଲୁ କରିବା ପାଇଁ ଓଡ଼ିଶା ସରକାର (ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ପାଣ୍ଠି) (Chief Minister Relief Fund) ରୁ ୩ ହଜାର ଲେଖାଏଁ ୩ଟି ପର୍ଯ୍ୟାୟରେ କୋଭିଡ ସହାୟତା ରାଶି ଫନି ସହାୟତା ୧୦ ହଜାର ଲେଖାଏଁ ଏବଂ ଭାରତ ସରକାରଙ୍କ PMSVA Nidhi ଯୋଜନାରେ ୧୦ ହଜାର ଲେଖାଏଁ ଆର୍ଥିକ ଋଣ ପ୍ରଦାନ କରାଯାଇଅଛି ।

କଟକ ମହାନଗର ନିଗମ ତରଫରୁ ଉଠାଦୋକାନୀ ମାନଙ୍କର ଜୀବନ ଓ ଜୀବିକା ସୁଦୃଢ଼ କରିବା ଲାଗି ଉଠାଦୋକାନୀ ପରିଚୟ ପତ୍ର, ସାର୍ଟିଫିକେଟ୍ ଏବଂ ଦୋକାନ ଘର ପର୍ଯ୍ୟାୟ କ୍ରମେ ଯୋଗାଇ ଦିଆଯାଉଛି ।

| କ୍ର.ନଂ | ବିବରଣୀ | ନଂ | ମନ୍ତବ୍ୟ |
|---|---|---|---|
| ୦୧ | ପଞ୍ଜିକୃତ ଉଠାଦୋକାନୀଙ୍କ ସଂଖ୍ୟା | ୩୪୬୩ + ୫୧୭୪ = ୮୬୩୭ | - |
| ୦୨ | ପରିଚୟ ପତ୍ର ଏବଂ ସାର୍ଟିଫିକେଟ | = ୧୮୩୩ | - |
| ୦୩ | ଫନି ସହୟତା ପତ୍ର ଉଠାଦୋକାନୀ ୧୦,୦୦୦ ଲେଖାଏଁ | = ୧୯୧୯ | ଟ. ୧,୯୧,୯୦,୦୦୦ |
| ୦୪ | କୋଭିଡ୍-୧୯ ବିତ୍ତୀୟ ସହାୟତା ୩ଟି ଲହରରେ ୩ ହଜାର ଲେଖାଏଁ | = ୨୩୭୪+୫୮୮୧ +୫୮୩୬ = ୧୪୦୯୨ | ଟ. ୪୨,୨୭୩,୦୦୦ |
| ୦୫ | PMSVANIDIHI ଯୋଜନାରେ ଋଣ ପ୍ରଦାନ | = ୩୭୫୦ | ଟ. ୭୫,୮୫,୦୦,୦୦୦ |
| ୦୬ | LOR ଅନୁମୋଦିତ | ୫୧୭୪ | |







## ୯. ସହରାଞ୍ଚଳ ରାତ୍ରୀ ଆଶ୍ରୟସ୍ଥଳୀ:

କଟକ ସହରରେ ପାଞ୍ଚୋଟି ବାସହୀନ ଆଶ୍ରୟସ୍ଥଳୀ ରହିଛି। ଯଥା: ଦେଉଳସାହି, ସତୀଚଉରା, ଶିଶୁଭବନ, ମଙ୍ଗଳାବାଗ, ଜଗତପୁର  ଯେଉଁଥିରେ ଲୋକମାନଙ୍କୁ ମାଗଣା ରହିବାର ସୁବିଧା ସହିତ ସେଠାରେ ରହୁଥିବା ଲୋକମାନଙ୍କୁ ମଧ୍ୟରୁ ଦଶଭାଗ ଲୋକ, ଯେଉଁମାନେ କି ନିଜ ଖାଦ୍ୟ ସଂଗ୍ରହ କରିବାକୁ ଅସମର୍ଥ, ସେମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥାଏ। ଏହି ପାଞ୍ଚଗୋଟି ଆଶ୍ରୟସ୍ଥଳୀ - ଖରା, ହେଉକି ବର୍ଷା ବା ଶୀତ ବର୍ଷକ ୩୬୫ ଦିନ ସହରାଞ୍ଚଳରେ ବାସହୀନ ଲୋକମାନଙ୍କ ପାଇଁ ଖୋଲା ଯାଇଥାଏ। ଏହି ପାଞ୍ଚୋଟି ଆଶ୍ରୟସ୍ଥଳୀ ମଧ୍ୟରୁ ୩ଟି ଆଶ୍ରୟସ୍ଥଳୀ ମେଡ଼ିକାଲ ଭିତର ଓ ମେଡିକାଲ ନିକଟବର୍ତ୍ତୀ ହୋଇଥିବାରୁ ଏଠାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଆଶ୍ରୟ ନେଇ ଖୁସି ହୋଇଥାନ୍ତି। ଆଶ୍ରୟସ୍ଥଳୀରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦ୍ୱାରା ସହରର ବିଭିନ୍ନ ଅଞ୍ଚଳର ରାସ୍ତାକଡ଼ରେ ଶୋଉଥିବା ଲୋକମାନଙ୍କୁ ଉଦ୍ଧାର କରାଯାଇ ଆଶ୍ରୟ ସ୍ଥଳକୁ ଅଣାଯାଇଥାଏ  ଏବଂ ଆଶ୍ରୟ ସ୍ଥଳରେ ସେମାନଙ୍କ ଉପଯୁକ୍ତ ଦାୟିତ୍ୱ ନେବା ସହିତ ସେମାନଙ୍କର ସାମାଜିକ ଆବଶ୍ୟକତା ଗୁଡ଼ିକ ଯୋଗାଇ ଦିଆଯାଇଥାଏ। ପରିବାରରୁ ଦୂରେଇ ଯାଇଥିବା ଲୋକ ମାନଙ୍କ ଠାରୁ ତାଙ୍କର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଥାଏ।





## ୧୦. ସାମାଜିକ ସୁରକ୍ଷା ଯୋଜନା:

କଟକ ମହାନଗର ନିଗମରେ ୨୧୫୮୦ ଜଣ ହିତାଧିକାରୀଙ୍କୁ " ମଧୁବାବୁ ପେନସନ ଯୋଜନ ମାଧ୍ୟମରେ ଓ ୪୬୯୧ ଜଣଙ୍କୁ କେନ୍ଦ୍ର ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଭତ୍ତା ପ୍ରଦାନ କରାଯାଉଅଛି। ପ୍ରତିମାସ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଚାଲୁଅଛି।





## ଖବରକାଗଜ ପୃଷ୍ଠାରୁ



# ସଫଳତାର କାହାଣୀ

## • ଆଶାର ଆଲୋକ





ଅମୂଲ୍ୟ ସାମଲ, ୱାର୍ଡ ନମ୍ବର-୧୦, କଟକ ମହାନଗର ନିଗମର ତୁଳସୀପୁର ଅଞ୍ଚଳର ସିଦ୍ଧେଶ୍ୱର ସାହିର ଅଧିବାସୀ। ସେ ଜଣେ ଦର୍ଜି ହିସାବରେ କାର୍ଯ୍ୟ କରି ମାସକୁ ୫୦୦୦/- ଟଙ୍କା ରୋଜଗାର କରନ୍ତି। ତାଙ୍କ ସ୍ତ୍ରୀ ପରଘରେ ବାସନ ମାଜି ପରିବାର ଗୁଜୁରାଣ ମେଣ୍ଟାନ୍ତି। ତାଙ୍କ ଘରର ଆର୍ଥିକ ଅବସ୍ଥା ବହୁତ ଖରାପ ହେବା ହେତୁ ଏବଂ ଘର ନଥିବା ଯୋଗୁଁ ଝିଅର କୌଣସି ଜାଗାରେ ବିବାହ ସ୍ଥିରୀକୃତ ହୋଇପାରୁନଥିଲା। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କଲାପରେ ତାଙ୍କ ଝିଅର ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଗୃହ ମିଳିଲା ପରେ ତାଙ୍କ ଘରେ ଖୁସିର ଲହରୀ ଖେଳିଯାଇଥିଲା। ତାଙ୍କ ମତରେ "ମୋ ପରି ଜଣେ ଆର୍ଥିକ ଅନଗ୍ରସର ଶ୍ରେଣୀ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସପଯୋଗୀ ଆବାସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦନରେ କଟକ ମହାନଗର ନିଗମ ସହଯୋଗରେ ପାଇଥିବା ହେତୁ ମୁଁ ଏବଂ ପରିବାରବର୍ଗ ସରକାରଙ୍କ ନିକଟରେ କୃତଜ୍ଞତା ଜଣାଉଅଛୁ।"

## • ତୋଟାସାହି: ମହିଳା ଚାଷୀଙ୍କ କାହାଣୀ





କଟକ ମହାନଗର ନିଗମ ୱାର୍ଡ ନଂ.୫୬ର ତୋଟାସାହି ବସ୍ତିର ମହିଳାମାନଙ୍କ ଦ୍ୱାରା ଫୁଲଚାଷ ଓ ପରିବା ଚାଷ କରାଯାଇ ସାହିର ୪୦ଟି ପରିବାର ସେଥିରୁ ଉପକୃତ ହେଉଛନ୍ତି। ଏଥିପାଇଁ କଟକ ମହାନଗର ନିଗମର ବସ୍ତି ଉନ୍ନୟନ ଅଧିକାରୀ ସେମାନଙ୍କ ସହ ଏକ ଆଲୋଚନା କରି ସେମାନଙ୍କୁ ଉଦ୍ୟାନବିତ୍‌ଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲେ। ସେବେଠାରୁ ସେହି ବସ୍ତିର ମହିଳାମାନେ ସ୍ୱାବଲମ୍ବି ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## • ବସ୍ତିର ନୂଆ ରୂପ: ତରଳ ଶବର ସାହି

କଟକ ମହାନଗର ନିଗମ ୱାର୍ଡ ନଂ.୪୯ର ତରଳ ଶବର ସାହି ଆଦିବାସୀ ସାହିରେ ସମୁଦାୟ ୧୦୦ଟି ପରିବାର ବାସ କରନ୍ତି। ସମସ୍ତେ ପ୍ରାୟତଃ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ଜାଗା ମିଶନ ମାଧ୍ୟମରେ ସାହିର ପ୍ରତ୍ୟେକ ଗଳି କନ୍ଦିର ମାଟି ରାସ୍ତାକୁ ପେବର ବ୍ଲକ ମାଧ୍ୟମରେ ପକ୍କା କରାଯାଇଛି। ସାହିରେ ପରିଚୟ କେନ୍ଦ୍ର କରାଯାଇଛି। ପିଲାମାନଙ୍କ ଖେଳକୁଦ ପାଇଁ ଖୋଲାସ୍ଥାନର ଉନ୍ନତିକରଣ କରାଯାଇଛି। ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଛି ଏବଂ ପ୍ରତ୍ୟେକ ବିଦ୍ୟୁତ ଖୁଣ୍ଟରେ ଷ୍ଟ୍ରିଟଲାଇଟର ବ୍ୟବସ୍ଥା କରାଯାଇଛି। ସାହିର ଉନ୍ନତିମୂଳକ କାର୍ଯ୍ୟରେ ଜାଗା ମିଶନର ସଫଳତା ପାଇଁ ବସ୍ତିବାସିନ୍ଦା ସଂଘ କୃତଜ୍ଞତା ଜ୍ଞାପନ କରିଛନ୍ତି।








© Cuttack Municipal Corporation